# ୧୦ ଦିନିଆ ପୋଲିସ ରିମାଣ୍ଡରେ ସୁବୋଧ ସିଂ



ସମ୍ବଲପୁର, (ସବ୍ୟୁ) : ସମ୍ବଲପୁର ସହର ବୁଢାରଜା ସ୍ଥିତ ମଣପ୍ପୁରମ ଫାଇନାନ୍ସ ଲିମିଟେଡ ସଶସ୍ତ୍ର ଡକାୟତି ଘଟଣାର ମାଷ୍ଟର ମାଇଣ୍ଡ ସୁବୋଧ ସିଂଙ୍କୁ ପୋଲିସ ୧୦ଦିନିଆ ରିମାଣ୍ଡରେ ନେଇଛି । ତାକୁ ଏକ ଅଜ୍ଞାତ ସ୍ଥାନରେ ରଖି ପୋଲିସ ପଚରା କରିବ । ଫଳରେ ଏହି ଡକାୟତି ମାମଲାର ରହସ୍ୟ ପଦାକୁ ଆସିବ ବୋଲି ଆଶା କରାଯାଉଛି । ସୂଚନାଯୋଗ୍ୟ, ସମ୍ବଲପୁର ବୁଢାରଜା ସ୍ଥିତ ମଣପ୍ପୁରମ୍ ଫାଇନାନ୍ସ ଲିମିଟେଡ କମ୍ପାନୀରୁ ଗତ ଜାନୁଆରୀ ୩ତାରିଖ ଦିନ ଦ୍ୱିପହରରେ ସଶସ୍ତ୍ର ଲୁଟ୍ ହୋଇଥିଲା । ଲୁଟିଆ ମାନେ ବ୍ୟାଙ୍କ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ୨୭.୫୨କିଗ୍ରା ସୁନା ଅଳଙ୍କାର ଓ ୪ଲକ୍ଷ୮୧ହଜାର୩୮୨ ଟଙ୍କା ଲୁଟି ନେଇଥିଲେ । ସ୍ପଷ୍ଟ ଦିବାଲୋକରେ ୩ଟି ବାଇକ ଯୋଗେ ଲୁଟିଆ ମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ । ଏହି ଘଟଣାର ତଦନ୍ତ କରି ପୋଲିସ ବିହାର ହାଜିପୁର ଜିଲ୍ଲାର ପଙ୍କଜ ପାଶୱାନ, ଅଜୟ ପାଶୱାନ ଓ ଉତ୍ତମ ପାଶୱାନଙ୍କୁ ଗିରଫ କରିଥିଲା । ମାତ୍ର ଲୁଟ୍ ସାମଗ୍ରୀ ଜବତ କରିବାରେ ସକ୍ଷମ ହୋଇପାରିନଥିଲା । ତେବେ ତଦନ୍ତବେଳେଏହି ଘଟଣାର ମାଷ୍ଟର ମାଇଣ୍ଡ ସୁବୋଧ ସିଂ ଓ ପଲ୍ଲୁ ସିଂ ବୋଲି ପୋଲିସ ଜାଣିବାକୁ ପାଇଥିଲା । ଏମାନେ ଜେଲରେ ରହି ଷଡଯନ୍ତ୍ର କରି ଏହି ଘଟଣା ଘଟାଇଥିବା ଜଣାପଡିବା ପରେ ସୁବୋଧଙ୍କୁ ସମ୍ବଲପୁର ଆଣିବାକୁ ଉଦ୍ୟମ କରିଥିଲା । ବିହାର ଜେଲରୁ ସମ୍ବଲପୁର ସ୍ୱତନ୍ତ୍ର ମଣ୍ଡଳ କାରାଗାରକୁ ଅଣାଯିବା ପରେ ତାଙ୍କୁ ରିମାଣ୍ଡରେ ନେବା ପାଇଁ ସମ୍ବଲପୁର ଏସ୍‌ଡିଜେଏମ୍ କୋର୍ଟରେ ଅଇଁଠାପାଲି ପୋଲିସ ପକ୍ଷରୁ ଆବେଦନ କରାଯାଇଥିଲା । ଆବେଦନର ଶୁଣାଣି କରି ବିଚାରପତି ୧୦ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିବା ଥାନା ଅଧିକାରୀ ପ୍ରଦ୍ୟୁମ୍ନ ସ୍ୱାଇଁ ସୂଚନା ଦେଇଛନ୍ତି ।

# ରାମ ନବମୀ ଓ ହନୁମାନ ଜୟନ୍ତୀକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ଫୋର୍ସ ମୁତୟନ

ସମ୍ବଲପୁର,(ସବ୍ୟୁ): ଚଳିତବର୍ଷ ସମ୍ବଲପୁର ସହରରେ ହିନ୍ଦୁ ନବବର୍ଷ, ରାମ ନବମୀ ଓ ହନୁମାନ ଜୟନ୍ତୀ ଉତ୍ସବ ପାଳିତ ହେବ । ଏନେଇ ବିଭିନ୍ନ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଅପ୍ରୀତିକର ପରିସ୍ଥିତି ଏଡାଇବା ପାଇଁ ଜିଲ୍ଲା ପୋଲିସ ମଧ୍ୟ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିଛି । ଆସନ୍ତା ମାର୍ଚ୍ଚ ୨୯ତାରିଖରୁ ଏପ୍ରିଲ ୧୫ପର୍ଯ୍ୟନ୍ତ ସହର ପୋଲିସ ଛାଉଣି ମଧ୍ୟରେ ରହିବ । ହିନ୍ଦୁ ଜାଗରଣ ପକ୍ଷ ପାଳନ ଅବସରରେ ୨କମ୍ପାନୀ ବିଏସ୍‌ଏଫ୍, ୧ କମ୍ପାନୀ ରାପିଡ ଆକ୍ସନ ଫୋର୍ସ ମୁତୟନ ହେବେ । ଏଥିସହ ହିନ୍ଦୁ ନବବର୍ଷରେ ୨୦ପ୍ଲାଟୁନ, ରାମନବମୀରେ ୩୫ପ୍ଲାଟୁନ ଓ ହନୁମାନ ଜୟନ୍ତୀରେ ୪୦ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବାର ଯୋଜନା କରାଯାଇଛି । ସହରର ପ୍ରବେଶ ପଥ ଗୁଡିକରେ ନାକାବନ୍ଦି ଲଗାଇବା ସହ କଡାକଡି ଯାଞ୍ଚ କରାଯିବ । ଛକ ଓ ସମ୍ବେଦନଶୀଳ ସ୍ଥାନ ଗୁଡିକରେ ଉନ୍ନତମାନର ସିସିଟିଭି ଲଗାଯାଉଛି । ଏଥିସହ ଡ୍ରୋନ କ୍ୟାମେରା ଦ୍ୱାରା ମଧ୍ୟ ନଜର ରଖାଯିବ । ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ସହ ପୋଲିସ ପାଟ୍ରୋଲିଂ କଡାକଡି କରାଯାଇଛି । ସୋସିଆଲ ମିଡିଆ ପୋଷ୍ଟ ଉପରେ ମଧ୍ୟ ପୋଲିସ ନଜର ରଖିଛି । ଅନାଧିକୃତ ଲୋକମାନେ ଯେଭଳି ସହରରେ ପ୍ରବେଶ କରି ଯେଭଳି ଅଶାନ୍ତ ବାତାବରଣ ସୃଷ୍ଟି ନକରିବେ ସେ ନେଇ ମଧ୍ୟ ପୋଲିସ ତତ୍ପର ରହିଛି । ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା ବ୍ୟକ୍ତିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆରକ୍ଷୀ



ଅଧିକ୍ଷକ ମୁକେଶ ଭାମୁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ହନୁମାନ ଜୟନ୍ତୀ ଅବ୍ୟବହିତ ପୂର୍ବରୁ ଗତ ୧୨ଏପ୍ରିଲ , ୨୦୨୩ରେ ବିଶାଳ ବାଇକ ଶୋଭାଯାତ୍ରା ଚାଲୁଥିବା ବେଳେ ମୋତିଝରନ ନିକଟରେ ଭିନ୍ନ ସଂପ୍ରଦାୟର କିଛି ଲୋକ ଶୋଭାଯାତ୍ରାକାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଅସଭ୍ୟ ଭାଷାରେ ଗାଳିଗୁଲଜ, ହତ୍ୟାଧମକ, ଦେଶ ବିରୋଧି ନାରା ଦେବା ସହ ପଥରମାଡ କରିଥିଲେ । ଶୋଭାଯାତ୍ରାକାରୀଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ, ରାସ୍ତା ଉପରେ ପଡିଥିବା ଶହଶହ ବାଇକ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ଦେଇଥିଲେ । ଏଥିରେ ସମନ୍ୱୟ ସମିତି କର୍ମକର୍ତ୍ତା, ହନୁମାନ ପ୍ରେମୀ ଓ ପୋଲିସ କର୍ମଚାରୀ ଆହତ ହୋଇଥିଲେ । ଏହାପରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ବେଳେ ଦୋକାନ ଭଙ୍ଗାରୁଜା ସହ ପୋଡାଜଳା ପରିସ୍ଥିତି ଉପୁଜିଥିଲା । ସାଂପ୍ରଦାୟିକ ହିଂସାରେ ଜଣେ ଆଦିବାସୀ ଯୁବକର ମୃତ୍ୟୁ ହୋଇଥିବା ବେଳେ ସମ୍ବଲପୁର ସହର ଅଶାନ୍ତ ହୋଇ ପଡିଥିଲା । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ କର୍ଫ୍ୟୁ ସହ ଇଣ୍ଟରନେଟ୍ ସେବା ଅଚଳ କରାଯାଇଥିଲା । ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ହନୁମାନ ଜୟନ୍ତୀ ଶୋଭାଯାତ୍ରା ଉପରେ କଟକଣା ଲଗାଇବା ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା ।

# ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ କଲେଜରେ ସ୍ୱାସ୍ଥ୍ୟ ସଚେତନତା

ଭବାନୀପାଟଣା, (ସବ୍ୟୁ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଦ୍ୱାରା ସ୍ୱିକୃତ ବାଲ ଉମଙ୍ଗ ଦୃଶ୍ୟ ସଂସ୍ଥା ସହିତ ଅନୁବନ୍ଧିତ କାର୍ଯ୍ୟକ୍ରମ ଯୁବକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା ଓ ମୂଲ୍ୟାଙ୍କନ ତ୍ରିଦିବସୀୟ କାର୍ଯ୍ୟକ୍ରମ ସ୍ଥାନୀୟ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଗତ ୨୪ ରୁ ୨୬ ତାରିଖ ମଧରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ସ୍ୱାସ୍ଥ୍ୟ ସଚେତନତା କରାଇବା ସହିତ ନୀୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ମୂଲ୍ୟାଙ୍କନର ଉପଯୋଗିତା ଉପରେ ଆଲୋଚନା କରାଯାଇଥିଲା। ମାନବ ସମ୍ବଳର ବିକାଶରେ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରାଯାଇପାରିବ ବୋଲି ମହାବିଦ୍ୟାଳୟର ଅଧକ୍ଷ ଛବିଲାଲ ସାହୁ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଅଧିକାରୀ ଅଧାପକ ପ୍ରତାପଚନ୍ଦ୍ର ଦାଶ ଦିଲ୍ଲୀରେ ଏହି ସଂପର୍କୀତ କର୍ମଶାଳାରେ ଯୋଗଦେଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ମୂଲ୍ୟାଙ୍କନ କରିଥିଲେ। ଏହି କାର୍ଯ୍ୟକ୍ରମ ଆଞ୍ଚଳିକ ନିର୍ଦ୍ଦେଶାଳୟ ଏନ୍‌ଏସ୍‌ଏସ୍ ଅଧିକାରିଣୀ ସୁଶ୍ରୀ ସରିତା ପଟେଲଙ୍କ ଦ୍ୱାରା ରାଜ୍ୟରେ ତଦାରଖ ହୋଇ ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ମୂଲ୍ୟାଙ୍କନ କାର୍ଯ୍ୟକ୍ରମ ଜାରିରହିଛି।

# ମହାରାଜା ଆରଏନ ସିଂହଦେଓ ସ୍ମାରକୀ ଫୁଟବଲ, ବରଗଡ ବିଜୟୀ



ବଲାଙ୍ଗିର,(ସବ୍ୟୁ): ମହାରାଜା ଆରଏନ୍.ସିଂହଦେଓ ଫୁଟବଲ ଟୁର୍ଣ୍ଣାମେଣ୍ଟ କମିଟି ପକ୍ଷରୁ ଓ ଜିଲ୍ଲା କ୍ରୀଡା ସଂସଦ ସହଯୋଗରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଷଷ୍ଠ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି । ୟୁନାଇଟେଡ୍ ବରଗଡ ୭-୧ ଗୋଲରେ ଗେହ୍ଲାମା ବୌଦ୍ଧକୁ ହରାଇ ବିଜୟୀ ହୋଇଛି । ବଲାଙ୍ଗିର ବ୍ଲକ ବିଡିଓ ହୃଷିକେଶ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବଲାଙ୍ଗିର ମ୍ୟୁନିସିପାଲିଟି ଉପାଧକ୍ଷା ସୁଶ୍ରୀ ଗାୟତ୍ରୀ ଭୋଇ, ଡିଆଇପିଆରଓ ସରୋଜ କୁମାର ସାହୁ, ସମ୍ବାଦିକ ବିରେନ୍ଦ୍ର କୁମାର ଝାଙ୍କର, କ୍ରୀଡା ସଂସଦର ଉପସଭାପତି ଡ. ପ୍ରହଲ୍ଲାଦ ଶତପଥି, କମିଟିର ବରିଷ୍ଠ ଉପଦେଷ୍ଟା ଓଁକାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡା ସଂସଦର କୋଷାଧକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।ଖେଳକୁ ସଂଜିବ ମହାରଣା, ସଞ୍ଜୀନ କୁଦେଇ, ଜିତେନ୍ଦ୍ର ପାତ୍ର ଓ ନରସିଂସ୍ୱାମୀ ନାଇଡୁ ପରିଚାଳନା କରିଥିଲେ । କ୍ରୀଡା ସଂସଦର ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ପୂର୍ବତନ ଖେଳାଳି ଭାଗିରଥି ମହାକୁର ଓ ଖଲିଲୁର ରହେମାନଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରେଷ୍ଠ ଖେଳାଳି ଭାବେ ବରଗଡ ଦଳର ହ୍ୟାଟ୍ରିକ ଗୋଲ ସ୍କୋର କରିଥିବା ଶୁଭମ ବାଗଙ୍କୁ ପୁରସ୍କୃତ କରାଯାଇଥିଲା । ଟୁର୍ଣ୍ଣାମେଣ୍ଟ କମିଟିର କିଶୋର କୁମ୍ଭାର, ନିହାର ରଂଜନ ସ୍ୱାଇଁ, ଶିବ ପ୍ରସାଦ ବେହେରା, ନରସିଂ ବାଗ, ଗୁଞ୍ଜି ଖାନ, ସୁମନ ନନ୍ଦ, ସତ୍ୟ ନାୟକ ପ୍ରମୁଖ ସହଯୋଗ କରିଥିଲେ । ଶନିବାର ସିସିଏଫ୍‌ଏ ବୀରମହାରାଜପୁର ବନାମ ସମ୍ବଲପୁର ମଧରେ ଖେଳ ହେବ ବୋଲି ଫିକ୍ସର କମିଟି ସଦସ୍ୟ ପରାଶର ବାଗ ସୂଚନା ଦେଇଛନ୍ତି ।

# ସବା ପକ୍ଷରୁ ରକ୍ତଦାନ ଶିବିର ୨୫ ୟୁନିଟ୍ ରକ୍ତ ସଂଗ୍ରହ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଧନକଉଡା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଦିଲ୍ଲୀପ କୁମାର ମୁଦୁଲି ଓ ସହରାଞ୍ଚଳ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ ହୋତା ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍ଘାଟନ କରିଥିଲେ । ଅନୁଷ୍ଠାନର ସଭାପତି ଅମର ତାଣ୍ଡିଆଙ୍କ ସଂଯୋଜନାରେ ଶିବିର ଆୟୋଜିତ ହୋଇଥିଲା । ମୋଟ ୨୫ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଏହି ଅବସରରେ ସମସ୍ତ ରକ୍ତଦାତାଙ୍କୁ ମାନତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏଥିରେ ଅନୁଷ୍ଠାନର ଉପଦେଷ୍ଟା ଗୌରୀଶଙ୍କର ମିଶ୍ର, ଲକ୍ଷ୍ମୀପ୍ରସାଦ ମହାପାତ୍ର, ସୁପ୍ରିତ ନାୟକ, ଇନ୍ଦ୍ରଜିତ୍ ବାରିକ, ଅରବିନ୍ଦ ପାଣିଗ୍ରାହୀ, ରାମଚନ୍ଦ୍ର ରାଉତ, ଅଜିତ୍ ମହାନ୍ତି, ସନଥ ବେହେରା, ବିଶିକେଶନ ଓରାମ, ବୁଲୁ ନାୟକ, ମଞ୍ଜୁ ଓରାମ, ଚିତ୍ତରଞ୍ଜନ ରାଉଳ ସହଯୋଗ କରିଥିଲେ । ବୁର୍ଲା ଭିମସାର ରକ୍ତଭଣ୍ଡାରର ଡା. ସମ୍ବିତ କୁମାର ସାହୁ, ଦେବାଶିଷ ମିଶ୍ର, ମଣ୍ଟୁ ପ୍ରଧାନ, କରୁଣାକର ସାହୁ, ପ୍ରହଲ୍ଲାଦ ଭୋଇ ଓ ସଞ୍ଜିବ ବେହେରା ପ୍ରମୁଖ ରକ୍ତସଂଗ୍ରହରେ ସହଯୋଗ କରିଥିଲେ । ଜିଲ୍ଲା ବାରିକ ସମାଜ ର ମହା ସମ୍ମିଳନୀ ପାଇଁ ଚୁଡାନ୍ତ ପ୍ରସ୍ତୁତି ବୈଠକ ।

## ଖଣ୍ଡାଧାର ମହୋତ୍ସବ ଉଦ୍‌ଯାପିତ

# କଳା ସଂସ୍କୃତିର ତାଳରେ ଝୁମିଲା ବଣାଇଁ

ବଣାଇଁ,(ସବ୍ୟୁ): ବଣାଇଁ ଠାରେ ଚାଲିଥିବା ଖଣ୍ଡାଧାର ମହୋତ୍ସବ ଆଦିବାସୀ ସାଂସ୍କୃତିକ କଳା ପରିଷଦର ପଞ୍ଚଦଶତମ ବାର୍ଷିକ ଉତ୍ସବ ଉଦଯାପିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଅବସର ପ୍ରାପ୍ତ ଅତିରିକ୍ତ ପୋଲିସ ଅଧିକ୍ଷକ ସୁମନ ଦତ୍ତ, ସୁନ୍ଦରଗଡ଼ ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଖଣ୍ଡାଧାର ମହୋତ୍ସବ ସଭାପତି ପ୍ରଦୀପ କୁମାର ତ୍ରିପାଠୀ ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କୁ ପୁଷ୍ପ ମାଲ୍ୟ ଓ ଦ୍ୱୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଖଣ୍ଡାଧାର ମହୋତ୍ସବ ସଭାପତି ଶ୍ରୀ ତ୍ରିପାଠୀ ଖଣ୍ଡାଧାର ମହୋତ୍ସବର ଆଭିମୁଖ୍ୟ ନେଇ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଧୀରଜ କୁମାର ସାହୁ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ସାଂସ୍କୃତିକ ସମ୍ପାଦକ କୁମାର ଗୌତମ ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଚଳିତ ବର୍ଷ ମହୋତ୍ସବର ସର୍ବୋଚ୍ଚ ସମ୍ମାନ ଖଣ୍ଡାଧାର ସମ୍ମାନ ଅଞ୍ଚଳର ଲଢୁଆ ପୁଅ ତଥା ଷ୍ଟାଲୱାର୍ଟ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଓ ଅଧକ୍ଷ ଶରତ କୁମାର ସାହୁ ଙ୍କୁ ପ୍ରଦାନ କରାଯାଇଥିଲା । ଶଙ୍କରାଚାର୍ଯ୍ୟ ମଠ ଆନନ୍ଦ ବିହାରୀର ରାଜ୍ୟ ସଂଯୋଜିକା, ବାଘୁଆ ମଠ ଗୋ ଶାଳାର ମୁଖ୍ୟ ଗୋ ସେବିକା ସୁଶ୍ରୀ ଚିନ୍ମୟୀ ଦେଓ ସେବା ସମ୍ମାନ ପ୍ରାପ୍ତ କରିଛନ୍ତି । ଲେଖକ ତଥା ନିର୍ଦ୍ଦେଶକ ସ୍ୱର୍ଗତ ରମେଶ ଚନ୍ଦ୍ର ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ମୃତି ସମ୍ମାନ ପୁରସ୍କାର ଲେଖକ, ଗୀତିକାର ଓ ନିର୍ଦ୍ଦେଶକ ଦୁର୍ଗା ମାଧବ ପଣ୍ଡା, ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଦିଲ୍ଲୀପ ତ୍ରିପାଠୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ମୃତି ସମ୍ମାନ ମାନପତ୍ର ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ, ଶିକ୍ଷାବିତ ଆଶିଷ ଖମାରୀ, ତ୍ରିନାଥ ସିଂ, ଓଡ଼ିଆ ଅଧ୍ୟାପିକା, ଗାଳ୍ପିକା ପ୍ରଣତି ବେହେରାଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧନା କରାଯାଇଥିଲା । ଖଣ୍ଡାଧାର ମହୋତ୍ସବ ଉପଲକ୍ଷେ ମୁଖପାତ୍ର ନିନାଦ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପରେ ଭୁବନେଶ୍ୱରରୁ ଆସିଥିବା ଅଭିଜିତ ମଜୁମଦାରଙ୍କ ସୁର ତାଲର କଳାକାର ଓ କଳାହାଣ୍ଡିର କଟପ୍ପା କଳାକାର ମାନେ ନୃତ୍ୟ ଗୀତ ପ୍ରଦର୍ଶନ କରି ଦର୍ଶକ ମାନଙ୍କୁ ବିମୁଗ୍ଧ କରିଥିଲେ । ପ୍ରଭାତ କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ ।

# ଖଲିଆ ବଗିଚା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ସହର ସ୍ଥିତ ଖଲିଆ ବଗିଚା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ସୁନେଲି ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ପଂଚାୟତ ମହାବିଦ୍ୟାଳୟର ଅଧାପକ ପ୍ରବୀର କୁମାର ଦାଶ ମୁଖ୍ୟ ଅତିଥି,ସଂସ୍କୃତି ଗବେଷକ ରମେଶ ପ୍ରସାଦ ମେହେର ମୁଖ୍ୟବକ୍ତା, ଅବସରପ୍ରାପ୍ତ ପିଇଟି ରଞ୍ଜିତ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୀବନରେ ଜଣେ ଭଲ ଓ ସଂସ୍କାରିକ ମଣିଷ ହେବାକୁ କଠୋର ପରିଶ୍ରମ,ସୃଜନଶୀଳ ଓ ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାର ଆବଶ୍ୟକତା ଉପରେ ଛାତ୍ରାଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ । ସ୍କୁଲ ସଭାପତି ଶୁଶିଲ କୁମାର ମନହୀରା ମଂଚାସୀନ ଥିଲେ । ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା ଓ ସିଆରସିସି ସତ୍ୟନାରାୟଣ ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଆଗରୁ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ କୃତକାର୍ଯ୍ୟ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ସେଠୀ ସଭା ପରିଚାଳନା କରିଥିବାବେଳେ ଶିକ୍ଷୟତ୍ରୀ ଗୀତାରାଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଆରତୀ ମିଶ୍ର, ସନ୍ଧ୍ୟାରାଣୀ ମିଶ୍ର,ଅପର୍ଣ୍ଣା ମହାନ୍ତି, ସୁବାଷ ଚନ୍ଦ୍ର ସାହୁ ପ୍ରମୁଖ ଶିକ୍ଷକ,ଶିକ୍ଷୟିତ୍ରୀ ଓ ସ୍କୁଲ ପରିଚାଳନା ସଦସ୍ୟମାନେ ଉପସ୍ଥିତ ରହି ସକ୍ରୀୟ ସହଯୋଗ କରିଥିଲେ । ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଅମିତ ଚାଟାର୍ଜୀଙ୍କୁ ଜାତୀୟସ୍ତରୀୟ ସ୍ଥାପତ୍ୟ ପୁରସ୍କାର

ସମ୍ବଲପୁର,(ସବ୍ୟୁ): ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ଅଧ୍ୟାପକ ଅମିତ ଚାଟାର୍ଜୀଙ୍କୁ ଆର୍କଜ କାଉଜ ସାଥ୍ ଡିଜାଇନ ଏଡ୍ୟୁକେଟର୍ସ ପୁରସ୍କାରରେ ସମ୍ମାନିତ କରାଯାଇଛି । ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ୬୦ହଜାର ଟଙ୍କା ପ୍ରଦାନ କରାଯାଇଛି । ଏହି ଅର୍ଥରାଶିକୁ ସେ ଇଥୋସ୍ ବ୍ରିଜ ସ୍କଲାରଶିପ୍ ପ୍ରଦାନ ପାଇଁ ଦାନ କରିଛନ୍ତି । ସୂଚନାଯୋଗ୍ୟ, ସ୍ଥାପତ୍ୟ ଶିକ୍ଷା କ୍ଷେତ୍ରରେ ସ୍ଥାୟୀତ୍ୱ ଅନ୍ତର୍ଭୁକ୍ତ କରିବାରେ ଉତ୍କୃଷ୍ଟତାର ସ୍ୱୀକୃତି ସ୍ୱରୂପ ଏହି ଜାତୀୟସ୍ତରୀୟ ପୁରସ୍କାର ପ୍ରଦାନ କରାଯାଏ । ଏହି ପ୍ରତିଯୋଗିତାରେ ସମଗ୍ର ଦେଶର ଡିଜାଇନ ଶିକ୍ଷକ ମାନେ ଅଂଶଗ୍ରହଣ କରିଥିଲେ । ତେବେ ଭିସଟ୍ ସ୍ଥାପତ୍ୟ ବିଭାଗର ସହାୟକ ପ୍ରଫେସର ଅମିତ ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ।

# ରେଙ୍ଗାଲପାଲିରେ ମୋ ଖେଳଣା ମୋ ସଂସ୍କୃତି କାର୍ଯ୍ୟକ୍ରମ

ଜୟପାଟଣା,(ସବ୍ୟୁ): ଜୟପାଟଣା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେଙ୍ଗାଲପାଲି ବିଦ୍ୟାଳୟ ରେ ମୋ ଖେଳଣା ମୋ ସଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ଉମା ଶଙ୍କର ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଗୋଷ୍ଠି ଶିକ୍ଷା ଅଧିକାରୀ ପ୍ରେମ ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ସରପଞ୍ଚ ରେଙ୍ଗାଲପାଲି ଗ୍ରାମ ପଞ୍ଚାୟତ ଐଶ୍ୱର୍ଯ୍ୟ କୁମାର ଦାସ,ସି ଆର ସି ସି ବେଦବର ନିଆଲ୍, ବିମଳା ପ୍ରଧାନ ଶିକ୍ଷକ ରମାକାନ୍ତ ମାଝୀ ପ୍ରମୁଖ ମଞ୍ଚାସୀନ ଥିବାବେଳେ ପ୍ରଧାନ ଶିକ୍ଷକ ଲଳିତ କୁମାର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିଲା। ଆଖ ପାଖ ଶିକ୍ଷା କମିଟି, ସ୍ୱାକ୍ଷର ଭାରତ ତାଲିମ ଗ୍ରହଣ କରୁଥିବା ଶିକ୍ଷକ, ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ଛାତ୍ରୀଙ୍କ ଦ୍ୱାରା ହସ୍ତ କଳା,ମାଟି ପାତ୍ର ତଥା ମାଟି କାରୁକାର୍ଯ୍ୟ ସାମଗ୍ରୀ, ସଂସ୍କୃତି ଭିତ୍ତିକ ସାମଗ୍ରୀ, ବାଉଁଶ ରୁ ନିର୍ମିତ ସାମଗ୍ରୀ ସବୁ ପ୍ରସ୍ତୁତ ହୋଇଥିଲା । ଶିକ୍ଷକ ରଞ୍ଜନ କୁମାର ବରିହା ମଞ୍ଚ ପରିଚାଳନା କରିଥିଲେ।

# ସୁରକ୍ଷା କର୍ମୀକୁ ମାଡ ମାରି ଚୋରି ଉଦ୍ୟମ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଠେଲକୋଲୋଇ ସ୍ଥିତ ଜେଏସ୍‌ଡବ୍ଲୁ ବିପିଏସ୍‌ଏଲ ପ୍ଲାଣ୍ଟର ସୁରକ୍ଷାକର୍ମୀଙ୍କୁ ମାଡ ମାରି ଚୋରି ଉଦ୍ୟମ ଅଭିଯୋଗରେ ପୋଲିସ ୫ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ଚୋରି ମୋବାଇଲ ଜବତ ହୋଇଛି । ଏନେଇ ୧୯୧/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ଗତ ୨୪ତାରିଖ ରାତି ପ୍ରାୟ ୧୧ଟା୧୦ମିନିଟ୍ ସମୟରେ କିଛି ଯୁବକ ବିଭିନ୍ନ ଅସ୍ତ୍ରଶସ୍ତ୍ର ନେଇ ପ୍ଲାଣ୍ଟରେ ପ୍ରବେଶ କରିଥିଲେ । ସୁରକ୍ଷାକର୍ମୀ ଏହା ଦେଖିବା ପରେ ସେମାନଙ୍କୁ ବାରଣ କରିଥିଲେ । ଦୁବୃର୍ତ୍ତ ମାନେ ଆକ୍ରମଣ କରି ସୁରକ୍ଷାକର୍ମୀଙ୍କ ମୋବାଇଲ ଓ ଟଙ୍କା ଲୁଟି ନେଇଥିଲେ । ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଏହାର ତଦନ୍ତ କରିଥିଲା । ତଦନ୍ତ ବେଳେ ଘିଚାମୁରା ଗ୍ରାମର ଶିବାଜୀ ଛତ୍ରିଆ(୨୩) ଓ ରାଜୁ କିସାନ(୨୨), ଗୁମକର୍ମାର ଜଗନ୍ନାଥ କିସାନ(୨୪), ସୁନାମାଲର ଈଶ୍ୱର କିସାନ(୩୨) ଏବଂ ବଡମାଲର ସୌଦାଗର ବାଗ(୨୫)ଙ୍କୁ ଗିରଫ କରାଯାଇଛି ।

# ଭାନପୁର ଗାଁରେ ପାନୀୟ ଜଳ ଯୋଗାଣ ଦାବି କଲେ ମହିଳା



ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ୍ ଭାନପୁର ଗାଁରେ ପାନୀୟ ଜଳ ଯୋଗାଣ ପାଇଁ ଗାଁର ମହିଳା ମାନେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ଶୁକ୍ରବାର ଏକ ଦାବୀପତ୍ର ପ୍ରଦାନ କରିଛନ୍ତି। ଗାଁରେ ଦୁଇବର୍ଷ ହେଲା ପାନୀୟ ଜଳ ଯୋଗାଣ ପାଇଁ ଟେଣ୍ଡର ସରିବା ସହିତ କୂଅ,ଓଭର ହେଡ ଟ୍ୟାଙ୍କ ନିର୍ମାଣ ଶେଷ ହୋଇଛି । ସେହି ପରି ଗାଁ ରେ ଷ୍ଟାଣ୍ଡ ପୋଷ୍ଟ ମଧ ନିର୍ମାଣ ହୋଇଛି। ହେଲେ ଓଭର ହେଡ୍ ଟ୍ୟାଙ୍କରୁ ଗାଁକୁ ସଂଯୋଗ କରୁଥିବା ପାଇପ ଲାଇନ୍ କାମ ବନ୍ଦ ଥିବାରୁ ବର୍ଷେ ହେଲା କାମ ଶେଷ ପରେ ବି ପାଣି ପାଇବାରୁ ଗ୍ରାମବାସୀ ବଞ୍ଚିତ । ତୁରନ୍ତ ପାଇପଲାଇନ ସଂଯୋଗ କରି ପାନୀୟ ଜଳ ଯୋଗାଇ ଦେବାକୁ ସରପଞ୍ଚ ରୀନା ଜାଲ ସମେତ ମହିଳା ମାନେ ଦାବୀ ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ବିଡ଼ିଓ ପାନୀୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାର ଉପସ୍ଥିତ ଥିଲେ। ଏନେଇ ବିଡ଼ିଓଙ୍କୁ ପଚାରିବାରୁ ସପ୍ତାହେ ମଧରେ ସମସ୍ୟା ସମାଧାନ କରାଯିବ ବୋଲି କହିଛନ୍ତି।

# ଲୋକ ମହୋତ୍ସବ ଉଦନ୍ତୀ ଉଦ୍‌ଘାଟିତ

ସିନାପାଲି,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳର ଲୋକ କଳା, ସାହିତ୍ୟ ଓ ସଂସ୍କୃତିର ମହାନ ପର୍ବ ଉଦନ୍ତୀ ମହୋତ୍ସବ - ୨୦୨୫ ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଅପରାହ୍ନରେ ସିନାପାଲି ଦୁର୍ଗା ମନ୍ଦିରରୁ ଏକ ବିରାଟ ମଶାଲ ଶୋଭାଯାତ୍ରା ଓ ଛତର ବାହାରି ମା ମହୁଲଗୋଛେନ ମନ୍ଦିର ହୋଇ ସହର ପରିକ୍ରମା ପରେ ମହୋତ୍ସବ ମଞ୍ଚରେ ପହଞ୍ଚିଥିଲେ। ଶୋଭାଯାତ୍ରା ଅବସର ରେ ଘଣ୍ଟ ଶଙ୍ଖ, ଘୁମୁରା ସମେତ ଅନେକ ସାଂସ୍କୃତିକ ଅନୁଷ୍ଠାନର ସାଂସ୍କୃତିକ ଦଳ ସାମିଲ ରହିଥିଲେ । ଏଥିରେ ସିନାପାଲି ସହର ଚଳ ଚଞ୍ଚଳ ହୋଇ ରଙ୍ଗୀନ ହୋଇ ଉଠିଥିଲା।

ଉଦଘାଟନ ଭବ୍ୟ ସମାରୋହକୁ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଉଦଘାଟନ କରିଥିଲେ। ଆୟୋଜିତ ସଭା କାର୍ଯ୍ୟରେ ମସୋତ୍ସବ ପାଳନ କମିଟିର ସଭାପତି ବୈଷ୍ଣବ ମେହେରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ନୂଆପଡ଼ା ଜିଲ୍ଲାପାଳ ଶ୍ରୀ ଦାଶ ଯୋଗଦାନ କରିଥିବା ବେଳେ ବିଶିଷ୍ଟ ଅତିଥି ଖଡିଆଳ ବନ ଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ, ସମ୍ମାନିତ ଅତିଥି ଜିଲ୍ଲାପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ଗୁଆଲ,ଅନ୍ୟତମ ଜିଲ୍ଲାପରିଷଦ ସଦସ୍ୟା ଆଶା ଜୈନ, ସିନାପାଲି ସଦର ସମିତି ସଭ୍ୟ ମନିସ ପଟେଲ, ସିନାପାଲି ସଦର ସରପଞ୍ଚ ସୁନିତା ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମକୁ ମହୋତ୍ସବର ଉପଦେଷ୍ଟା ଲଳିତ ସୁନାରି ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ ପୂର୍ବକ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ନବୀନ ଚନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



ଉଦଘାଟନ ସମାରୋହ ଅବସରରେ ମସୋତ୍ସବ ପାଳନ କମିଟି ସମ୍ପାଦକ ପ୍ରିୟ ରଞ୍ଜନ ମେହେର, ଶଶି ଭୂଷଣ ମାଝି, ବ୍ଲକ ଉପାଧକ୍ଷା ମୀନା ଘିଭେଲା, ବୈଶମ୍ପାୟନ ମେହେର, ନୀଳମଣି ମେହେର, ତୁଳସୀରାମ ମେହେର, ଲିଙ୍ଗରାଜ ଘିଭେଲା, ରବୀନ୍ଦ୍ର ନାଥ ଯୋଷୀ, ତ୍ରିନାଥ ମେହେର, ଅରିଗଞ୍ଜନ ଯୋଷୀ, ପ୍ରଦୀପ କୁମାର ଜୈନ, ରଜନୀ କାନ୍ତ ମାଝି, ଦିବ୍ୟ ରଞ୍ଜନ ନାୟକ, ସୁରଜ ମେହେର, ଆଲୋକ ମେହେର ସମେତ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଉଦଘାଟନୀ ସମାରୋହର ଦ୍ୱିତୀୟ ପର୍ଯ୍ୟାୟରେ ସନ୍ଧ୍ୟା କାଳୀନ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟି ର ଉପଦେଷ୍ଟା ଶଶି ଭୂଷଣ ମାଝିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ନୂଆପଡ଼ା ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝି, ସମ୍ମାନିତ ଅତିଥି ସିନାପାଲି ବ୍ଲକ ଅଧକ୍ଷା ମାଧୁରୀ ମାଝି, ବୋଡ଼େନ ବ୍ଲକ ଅଧକ୍ଷା ପ୍ରେମଶିଳା ନାଗ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଅତିଥି ମାନଙ୍କୁ ଗୌତମ ମେହେର ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ସିନାପାଲି ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଦ୍ୱାରା ଦେବ ପୂଜନ ବେଦ ପାଠ କରଯାଇଥିଲା। ସ୍ଥାନୀୟ ଶିଶୁ ବିଦ୍ୟ ମନ୍ଦିର ଓ ଓଏଭି ଛାତ୍ର ଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ନିଲାଞ୍ଚଳ ମେହେର ବିବରଣୀ ପଠନ ଓ ରବୀନ୍ଦ୍ର ନାଥ ଯୋଷୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସର ରେ ଅଞ୍ଚଳର ପ୍ରଥମ ଓଏଏସ ହୃଦାନନ୍ଦ ମାଝି ଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କମିଟି ର କୋଷାଧକ୍ଷ ଦିବ୍ୟରଞ୍ଜନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।ଶେଷରେ ଭୁବନେଶ୍ୱର ତ୍ରିଭଙ୍ଗୀ ଏକାଡେମୀ, ସ୍ୱର ସଙ୍ଗମ କଳା ପରିଷଦ, ବଜାସାଲ, ଘୁମୁରା, ପ୍ରାଚୀ ଡେନ୍ସ ଗ୍ରୁପ, ଆଦିବାସୀ ରାମ କାଠି, ରାୟଗଡ଼ା ଗାୟତ୍ରୀ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶିଶୁ କନ୍ୟା ଭୃଣ ନିରୂପଣ ଆଇନ ସଚେତନତା

ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡା. ଶୋଭାଗ୍ୟ ରଞ୍ଜନ ପୁରୋହିତ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ବିନିକା , ଅକୃର କୁମାର ହୋତା, ପିଏଚଇଓ , ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର , ବିନିକା , ଶାନ୍ତନୁ କୁମାର କର୍ଣ୍ଣ , ସଭ୍ୟ, ଶିଶୁ ମଙ୍ଗଳ ସମିତି, ସୁବର୍ଣ୍ଣପୁର ଡ଼ି ସି ପି ଓ, ସୁବର୍ଣ୍ଣପୁରର ପି. ଓ. ଆଇ. ସି. , ବିଜୟ କୁମାର ବିଶ୍ୱାଳ, ଆଉଟ ରିଚ ୱାର୍କର ଥବିର କାଳସେ ଏବଂ କାଉନସେଲର ପ୍ରଶାନ୍ତ ମହାକୁର ଓ ଜିଲ୍ଲା ସଂଯୋଜକ, ବାଲ୍ୟ ବିବାହ ଅକ୍ଷୟ କୁମାର ସିଂ ଉପସ୍ଥିତ ରହି ବିନିକା ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ୫୦ଜଣ ଆଶା କର୍ମୀ ମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି



। ମୁଖ୍ୟ ଅତିଥି ଗାଁରେ ଲୋକ ମାନଙ୍କୁ ସଚେତନ କରାଇବା ପାଇଁ ଆଶାକର୍ମୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଯଦିଓ ଜାତୀୟ ହାରଠୁ ଆମେ ସନ୍ତୋଷ ଜନକ ସ୍ଥିତି ରେ ଅଛୁ ତଥାପି ପ୍ରତି ୧୦୦୦ ପୁରୁଷରେ ୧୦୦୦ ନାରୀ ହେବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସଂଯୋଜକ, ବାଲ୍ୟ ବିବାହ ଅକ୍ଷୟ କୁମାର ସିଂ ବେଟି ବଚାଓ ଓ ବେଟି ପଢାଓ , ଶିଶୁ ର ଅଧିକାର ବିଷୟରେ ଆଲୋକପାତ କରିଥିଲେ। ପ୍ରଶାନ୍ତ କୁମାର ମହାକୁର କାଉନସେଲର, ଡ଼ି ସି ପି ଉ, ଧନ୍ୟବାଦ ଅର୍ପଣ କରିଥିଲେ ।

# ବାବାଜୀ ମନହୀରାଙ୍କୁ ନାଟ୍ୟାଚାର୍ଯ୍ୟ ସମ୍ମାନ



ତରଭା,(ସବ୍ୟୁ): ବଲାଙ୍ଗିରର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଭୂମିକା ପକ୍ଷରୁ ସୋନପୁର ଜିଲ୍ଲା ତରଭା ବ୍ଲକର ସରଗଜ ଗ୍ରାମରେ ବଶ୍ବ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବିରେନ୍ଦ୍ର କୁମାର ବନଛୋର ସଭାପତିତ୍ୱ କରିଥିଲେ। ଏହି ଅବସରରେ ନାଟ୍ୟା ଭୁଷଣ ଜଗଦାନନ୍ଦ ଛୁରିଆ , ରାମଚନ୍ଦ୍ର ସାହୁ, ଚିତ୍ତ ରଞ୍ଜନ ଦାଶ, ସରଗଜର ବରିଷ୍ଠ କଳାକାର ତଥା ନାଟ୍ୟ ନିର୍ଦ୍ଦେଶକ ବାବାଜୀ ମନହିରା, ଜମାଲ ଖାଁ , ଶିରିଷ ହୋତା , ରାଜୀବ ଲୋଚନ ଆଚାର୍ଯ୍ୟ, ରାଜୁ ମିଶ୍ର କୃଷ୍ଣଚନ୍ଦ୍ର ମହାପାତ୍ର , ଶକ୍ତିଦତ୍ତ ମିଶ୍ର ପ୍ରମୁଖ କଳାକାର ଉପସ୍ଥିତ ଥିଲେ। ସରଗଜ ଗ୍ରାମ ରାମଲୀଳା , ତଥା ବିଭିନ୍ନ ନାଟକରେ ଅଭିନୟ କରିଥିବା ଏବଂ ନିର୍ଦ୍ଦେଶନା ଦେଇଥିବା ନାଟ୍ୟକାର ବାବାଜୀ ମନହୀରାଙ୍କୁ ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ ଓ ଅଗ୍ରଣୀ ନାଟ୍ୟ ଭୂମିକାର କଳାକାର/ ସଦସ୍ୟଙ୍କ ଦ୍ୱାରା ପୁଷ୍ପ ଗୁଚ୍ଛ, ମାନପତ୍ର ଦେଇ ସମ୍ମାନୀତ କରିଥିଲେ । ଏହି ଅବସରରେ ସରଗଜ ଗ୍ରାମ କଳାକାର ମାନଙ୍କ ଦ୍ୱାରା ନିଶା ନିବାରଣ ଓ ନାରୀ ଶକ୍ତି ସଶକ୍ତିକରଣ ଉପରେ ଏକ ନୃତ୍ୟ ନାଟିକା ପରିବେଷଣ ହୋଇଥିଲା। ଏଥିରେ ଭବାନୀ ଶଙ୍କର ମିଶ୍ର , ସୁରେଶ ଚନ୍ଦ୍ର ମିଶ୍ର , ପୂଜା , ଶିବାନୀ , ଲକ୍ଷ୍ମୀପ୍ରିୟା ପ୍ରମୁଖ ଶିଶୁ କଳାକାର ଅଭିନୟରେ ଭାଗ ନେଇଥିଲେ।

## ଶାବର ଶ୍ରୀକ୍ଷେତ୍ର ପ୍ରସାଦକୁ ଖାଦ୍ୟ ସ୍ୱଚ୍ଛତା ଓ ନିରାପତ୍ତା ସମ୍ମାନ

କୋରାପୁଟ ,(ସବ୍ୟୁ): ଭାରତ ସରକାରଙ୍କର ଜାତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ସଂସ୍ଥା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଶାବର ଶ୍ରୀକ୍ଷେତ୍ର କୋରାପୁଟ ଜଗନ୍ନାଥ ମନ୍ଦିରକୁ ଉତ୍ତମ ମାନର ପ୍ରସାଦ ବିତରଣ ନିମନ୍ତେ ମାନପତ୍ର ପ୍ରଦାନ କରାଯାଇଛି। ବିଭାଗୀୟ ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରକାଶ ମିଶ୍ର, କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବରଦା କାନ୍ତ ମିଶ୍ର, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ସେଠୀଙ୍କ ଉପସ୍ଥିତିରେ ମନ୍ଦିର ପରିଚାଳନା ସଂସ୍ଥାର ତରଫରୁ ଡ. ଜଗବନ୍ଧୁ ସାମଲ, ଜେ. ରାମଚନ୍ଦ୍ର ରାଓ ଓ ପ୍ରକାଶ ଚନ୍ଦ୍ର କର ମାନପତ୍ର ଓ ଉପୌକନ ଗ୍ରହଣ କରିଥିଲେ।

# ଦୁଇ ଗାଁ ପାଞ୍ଚ ଦିନ ଧରି ଅନ୍ଧାର



ବୋରିଗୁମ୍ମା,(ସବ୍ୟୁ): ଦିନ କୁ ଦିନ ବଢ଼ି ଚାଲିଛି ବିଦ୍ୟୁତ ଯୋଗାଉଥିବା କମ୍ପାନୀର ମନମାନି। ସରକାରୀ ନିର୍ଦ୍ଦେଶକୁ ବେଖାତିର କରୁଛି କମ୍ପାନୀ । ଜଣେ ଦୁଇ ଜଣ ବିଦ୍ୟୁତ ବିଲ ପୈଠ ନ କରିବାରୁ ଦୁଇଟି ଗାଁ କୁ ସମ୍ପୂର୍ଣ୍ଣ ବିଦ୍ୟୁତ ଯୋଗାଯୋଗ ବିଚ୍ଛିନ୍ନ କରିଛନ୍ତି ସଂସ୍ଥା । ଫଳରେ ପାଞ୍ଚ ଦିନ ଧରି ଅନ୍ଧାରରେ ଦୁଇ ଗାଁ ଲୋକେ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଉପ ମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱ ମନ୍ତ୍ରୀ ଘୋଷଣା କରିଥିଲେ କି ଗ୍ରୀଷ୍ମ ଋତୁରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯିବ ନାହିଁ। କିନ୍ତୁ କମ୍ପାନୀ ମନ୍ତ୍ରୀଙ୍କ କଥାକୁ ଫୁ କରି ଜବରଦସ୍ତ ବିଲ ଆଦାୟ କରୁଛି, ନଚେତ କରେଣ୍ଟ ବିଚ୍ଛିନ୍ନ କରୁଛି। ସେହିପରି ବୋରିଗୁମ୍ମା ବ୍ଲକ ଟୁନାଗୁଡ଼ା ଗାଁ ଏବଂ ପାଖ ଗାଁ ରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ସେହି ଗାଁରେ ପ୍ରାୟ ଲୋକେ ବକେୟା ବିଲ ପୈଠ କରିଛନ୍ତି। ଆଉ ଅଳ୍ପ କେତେ ଉପଭୋକ୍ତା ବିଲ ପୈଠ କରି ନାହାନ୍ତି ତାହା ମଧ ୫୦୦ ଟଙ୍କା କି ୬୦୦ ଟଙ୍କା। ସେଥିପାଇଁ କମ୍ପାନୀ ପୁରା ଦୁଇ ଗାଁକୁ ସମ୍ପୂର୍ଣ୍ଣ ଟ୍ରାନ୍ସଫର୍ମରରୁ ବିଦ୍ୟୁତ ବିଚ୍ଛିନ୍ନ କରି ଦେଇଛି। ଫଳରେ ଲୋକେ ଗ୍ରୀଷ୍ମ ଋତୁରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରଛାତ୍ରୀଙ୍କ ପରୀକ୍ଷା ଯୋଗୁଁ ସେମାନେ ଡିବିରି ଲଗାଇ ପାଠ ପଢୁଛନ୍ତି। ବୃଦ୍ଧ ବୃଦ୍ଧା ଶଯ୍ୟାଶାୟୀ ରୋଗୀ ଗରମରେ ଶାନ୍ତିରେ ଶୋଇ ପାରୁନାହାନ୍ତି। ଚାରିଆଡେ ଜଙ୍ଗଲ ରହିଥିବା ଯୋଗୁଁ ହିଂସ୍ରଜନ୍ତୁଙ୍କ ଭୟ ରହିଛି। ଗାଁ ରେ ଆଜକୁ ପାଞ୍ଚ ଦିନ ହେବ ସମ୍ପୂର୍ଣ୍ଣ ଅନ୍ଧାର। ରାତିରେ ଅସହ୍ୟ ଗରମ ଯୋଗୁଁ ଲୋକେ ବାହାରେ ଖଟିଆରେ ଶୋଉଛନ୍ତି। ଗାଁ ଲୋକେ କହିବା କଥା କରେଣ୍ଟ କାଟନ୍ତୁ ଯିଏ ବିଲ ପୈଠ କରି ନାହିଁ ତାହାର କାଟନ୍ତୁ। ଯିଏ ବିଲ ପୈଠ କରିଛି ତାଙ୍କ କରେଣ୍ଟ ମଧ କାଟିଛନ୍ତି। ଯଦି ୨୪ ଘଣ୍ଟା ମଧରେ କରେଣ୍ଟ ନ ଦିଆ ଯାଏ ତେବେ ବିଦ୍ୟୁତ ଅଫିସ ଘେରାଉ କରିବୁ ଏବଂ ରାଜରାସ୍ତାକୁ ଓଲ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି । ଟୁନାଗୁଡ଼ା ଗାଁରେ ଅଧିକାଂଶ ଲୋକ ଚାଷୀ ଚାଷ ଉପରେ ନିର୍ଭର କରନ୍ତି। ଅଳ୍ପ ପରିମାଣରେ ଆଖୁ, ପନିପରିବା ଚାଷ କରି ପରିବାର ପ୍ରତି ପୋଷଣ କରନ୍ତି। କରେଣ୍ଟ ବିଚ୍ଛିନ୍ନ ଯୋଗୁଁ ଜମିରେ ପାଣି ଦେଇ ପାରୁ ନାହାଁନ୍ତି ଫଳରେ ଚାଷ ସବୁ ନଷ୍ଟ ହୋଇଛି। ଏ ସମ୍ପର୍କରେ ବୋରିଗୁମ୍ମା ବିଦ୍ୟୁତ ବିଭାଗ ର କନିଷ୍ଠ ଯନ୍ତ୍ରୀ କିମ୍ବା ଏସଡ଼ିଓ ଙ୍କୁ ବାରମ୍ବାର ଯୋଗାଯୋଗ କଲେ ମଧ କେହି ଫୋନ ଉଠାଉ ନାହାନ୍ତି। ଯଦି ଗ୍ରୀଷ୍ମପ୍ରବାହ ଯୋଗୁଁ କୌଣସି ଲୋକଙ୍କୁ ଅଂଶୁଘାତ ହୁଏ ତେବେ ବିଦ୍ୟୁତ କମ୍ପାନୀ ଦାୟୀ ରହିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ମହାବିଷ୍ଣୁ ଯଜ୍ଞ ପାଇଁ କଳସ ଯାତ୍ରା



କୋକସରା,(ସବ୍ୟୁ): କାଳୀକୃଷ୍ଣ ସଂଘର ୪୨ତମ ବାର୍ଷିକ ଉତ୍ସବ ତ୍ରିଦିନାତ୍ମକ ନବକୁଣ୍ଡୀୟ ବିଶ୍ୱଶାନ୍ତି ଶ୍ରୀ ଶ୍ରୀ ମହାବିଷ୍ଣୁ ଯଜ୍ଞ କୋକସରା ବ୍ଲକ ଅନ୍ତର୍ଗତ ସାନପୋଡାଗୁଡା ଗ୍ରାମରେ କଳସ ଯାତ୍ରା ସହ ଯଜ୍ଞର ଶୁଭାରମ୍ଭ ହୋଇଯାଇଛି। ଶୁକ୍ରବାର ସକାଳେ ପ୍ରାୟ ପାଞ୍ଚଶହ ମହିଳା କରସ ଧାରଣ କରି ଆଚାର୍ଯ୍ୟ, ସଂକୀର୍ତ୍ତନ ମଣ୍ଡଳୀ ସହ ଗ୍ରାମ ପରିକ୍ରମା ପୂର୍ବକ କଳସ ଯାତ୍ରାରେ ସାମିଲ ହୋଇଥିଲେ। ପରେ ଯଜ୍ଞ ବେଦୀରେ ଆଚାର୍ଯ୍ୟଗଣ ଅଧିବାସ କାର୍ଯ୍ୟକ୍ରମ ଆରମ୍ଭ କରି ପ୍ରଥମ ଦିନର ପୂଜାବିଧି ସଂପନ୍ନ କରିଥିଲେ। ସଂଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ତିନିଦିନ ଧରି ଆୟୋଜିତ କାର୍ଯ୍ୟକ୍ରମରେ ସଦଗୁରୁଦେବ ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ନିର୍ଦ୍ଦେଶରେ ଆୟୋଜିତ ବିଶ୍ୱ ଶାନ୍ତି ମହାବିଷ୍ଣୁ ଯଜ୍ଞରେ ସଂଘ ପରିଚାଳକ ପୂଜ୍ୟଶ୍ରୀ ଜଗଦାନନ୍ଦଜୀଙ୍କ ଓ ବେଦବ୍ରହ୍ମାଙ୍କ ପ୍ରବଚନ କାର୍ଯ୍ୟକମ, ଘୃତ ଯଜ୍ଞ, ଅନ୍ନ ଯଜ୍ଞ, ଦୀକ୍ଷା ଗ୍ରହଣ, ମୁଣ୍ଡନ, ବ୍ରତ, ବିବାହ, କୁଣାବରୀ ଅନୁଷ୍ଠିତ ହେବ। ଏହିଅବସରରେ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ, ଛତିଶଗଡ଼ ଅଞ୍ଚଳର ଶ୍ରଦ୍ଧାଳୁ ମାନଙ୍କ ସହିତ ସ୍ଥାନୀୟ ଆଧାତ୍ମିକ ପ୍ରେମୀ ସାମିଲ ହୋଇଥିଲେ।

## ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ
# ବାର୍ଷିକ କ୍ରୀଡା ଉଦ୍‌ଘାଟିତ



କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଡହଗାଁ ସ୍ଥିତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଶୁକ୍ରବାର ଉଦଘାଟିତ ହୋଇଯାଇଛି। ସ୍କୁଲ ସଭାପତି ଜିତେନ୍ଦ୍ର କୁମାର ଭକ୍ତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ସମ୍ମାନୀତ ଅତିଥି ମୋଟେର ଜୋନ୍ ଜିଲ୍ଲାପରିଷଦ ସଭ୍ୟା ବୈଜୟନ୍ତି ପୁଝାରୀ, ଡହଗାଁ ସରପଞ୍ଚ କୁଞ୍ଜଲତା ନାଏକ, କୃଷି ସମବାୟ ସମିତିର ଅଧକ୍ଷ ବ୍ରଜ ମୋହନ ନାଏକ, ସ୍କୁଲ ପରିଚାଳନା କମିଟି ସଭାପତି ତ୍ରିଲୋଚନ ମହାନନ୍ଦ, ଜବାହର ଉଚ୍ଚ ବିଦ୍ୟାଳୟ କୋକସରା କ୍ରୀଡା ଶିକ୍ଷକ ଅମିତ କୁମାର ମହାନ୍ତି ,ବରିଷ୍ଠ ଶିକ୍ଷକ ମହେନ୍ଦ୍ର କୁମାର ବଣିଆ ମଞ୍ଚାସୀନ ଥିଲେ । ସ୍କୁଲରୁ ମଶାଲ ଶୋଭାଯାତ୍ରା ନଗର ପରିକ୍ରମା ପରେ ଅତିଥିଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ସାମନ୍ତ ପାଢୀଯୋଷୀ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଦସ୍ୟ ସୀମାଞ୍ଚଳ ନାଏକ, ବ୍ରଜ ପୁଝାରୀ ଶିକ୍ଷକ ଛବେନ୍ଦ୍ର ନାଏକ, ମୋହିତ କୁମାର ରାଉତି, ସନ୍ଦିପ ଚୈଧୁରୀ, ସାନନ୍ଦ ପ୍ରଧାନ, ଗୌତମ ବାରିକ, ଡମ୍ବରୁଧର ବାଗ ସହାୟତା କରିଥିଲେ । ଅନୁଷ୍ଠାନର ଖେଳ ଶିକ୍ଷକ ଉତ୍ତମ କୁମାର ସାହୁ ଏବଂ କୃଷ୍ଣଚନ୍ଦ୍ର ମିଶ୍ର ପ୍ରତିଯୋଗୀତା ପରିଚାଳନା କରିଥିଲେ। ଶନିବାର କ୍ରୀଡା ଉତ୍ସବ ଉଦଯାପିତ କାର୍ଯ୍ୟକ୍ରମ ରହିଥିବା ନେଇ ପ୍ରଧାନ ଶିକ୍ଷକ ସୂଚନା ଦେଇଛନ୍ତି।

## ମଦର ବ୍ୟାପକ ପ୍ରସାର ଯୋଗୁଁ
# ସାମାଜିକ ବ୍ୟବସ୍ଥା ନଷ୍ଟ ହେଉଛି : ସାଂସଦ

ବରଗଡ,(ସବ୍ୟୁ): ଓଡ଼ିଶାର ଗାଁ ମାନଙ୍କରେ ବ୍ୟାପକ ମାତ୍ରାରେ ମଦଭାଟିର ପ୍ରସାର ଚାଲିଥିବାରୁ ଗାଁ ମାନଙ୍କ ସାମାଜିକ ଅବସ୍ଥା ବିଗିଡ଼ିବାରେ ଲାଗିଛି ଓ ଗାଁ ମାନଙ୍କର ଆର୍ଥିକ ଅବସ୍ଥା ଉପରେ ମଧ୍ୟ ଏହା ବୋଝ ହେଉଛି । ଦେଶର ଅନ୍ୟ ରାଜ୍ୟରେ ମଧ୍ୟ ଏଭଳି ଅବସ୍ଥା ଥିବାରୁ କେନ୍ଦ୍ର ସରକାର ଅବକାରୀ ବିଭାଗକୁ କେନ୍ଦ୍ର ଅଧିନକୁ ନେବା ପାଇଁ ସରକାର ବିଚାର କରିବା ପାଇଁ ବରଗଡ ସାଂସଦ ପ୍ରଦୀପ ପୁରୋହିତ ନିୟମ ୩୭୭ ଅଧିନିୟମ ରେ ଏ ପ୍ରସଙ୍ଗ ଲୋକ ସଭାରେ ଆଗତ କରିଛନ୍ତି । ଓଡ଼ିଶା ବିଶେଷ କରି ପଶ୍ଚିମ ଓଡ଼ିଶାରେ ମଦ ବ୍ୟବସାୟରେ ବର୍ଷକୁ ୫ ଶହ କୋଟିରୁ ଅଧିକ ଟଙ୍କାର କାରବାର ହେଉଛି ଓ ମଦ ବ୍ୟବସାୟୀ ମାନେ ଅଧିକ ଲାଭ ପାଇବା ପାଇଁ ୟୁରିଆ ଓ କିଛି ବିଷାକ୍ତ ପଦାର୍ଥ ମିଶ୍ରଣ କରି ମଦ ତିଆରି କରୁଥିବାରୁ ବହୁ ଯୁବକ ମଦ ମୃତ୍ୟୁରେ ପଡୁଛନ୍ତି । ଏପରିକି ଅକାଳେ ମୃତ୍ୟୁ ବରଣ କରୁଛନ୍ତି ବୋଲି ସାଂସଦ ଶ୍ରୀ ପୁରୋହିତ ଗୁରୁତର ଅଭିଯୋଗ ଆଣିଛନ୍ତି ।

ଅବକାରୀ ବିଭାଗ କିମ୍ବା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କୌଣସି ମଦ ଭାଟିରେ ତିଆରି ହେଉଥିବାର ମଦର ମାନ ନିର୍ଦ୍ଧାରଣ ହେଉ ନଥିବାରୁ,ଅବାଧରେ ଏଭଳି ମଦ ପ୍ରସ୍ତୁତି ଚାଲିଛି । ସାଂସଦ ଶ୍ରୀ ପୁରୋହିତ କେନ୍ଦ୍ର ସରକାରଙ୍କ ଠାରେ ଦାବୀ ଉପସ୍ଥାପନ କରି ଅତିକମରେ ଯେଉଁ ଯେଉଁ ପୀଠ ସ୍ୱାଧୀନତା ଆନ୍ଦୋଳନର ପ୍ରମୁଖ ସ୍ଥଳୀ ଥିଲା ଏବଂ ଭଗତ ସିଂ,ସୁବାଷ ଚନ୍ଦ୍ର ବୋଷ,ଚନ୍ଦ୍ର ଶେଖର ଆଜାଦ୍‌ଙ୍କ ଭଳି ଅନେକ ଦେଶ ସ୍ୱାଧୀନତା ଆନ୍ଦୋଳନରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ, ସେମାନଙ୍କ ଜନ୍ମ ମାଟିରେ ସଂପୂର୍ଣ୍ଣ ଭାବେ ନିଶା ମୁକ୍ତ ଅଞ୍ଚଳ ଘୋଷଣା କଲେ ସେମାନଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଛନ୍ତି ।

# ମହୁଲ ସହ ଟ୍ରାକ୍ଟର ଜବତ, ୩ ଗିରଫ

ସିନାପାଲି,(ସବ୍ୟୁ): ସିନାପାଲି ଅବକାରୀ ବିଭାଗ ପକ୍ଷରୁ ବେଆଇନ ମହୁଲ ଫୁଲ ଚୋରା ଚାଲାଣ ଉପରରେ ଚଢ଼ାଉ କରି ଟ୍ରାକ୍ଟର ଜବତ କରିବା ସହ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି। ପ୍ରାପ୍ତ ଖବର ଅନୁସାରେ ଘାଟମାଲ ପଞ୍ଚାୟତ ଅନ୍ତର୍ଗତ ଯୋଗଭଟା ଠାରେ ବେଆଇନ ମହୁଲ ଫୁଲ ଚୋରା ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ପ୍ରାୟ ୨୦ କ୍ୱିଣ୍ଟାଲ ମହୁଲ ଫୁଲ ଓ ଟ୍ରାକ୍ଟର ଜବତ କରାଯାଇଥିଲା। ତା'ସହିତ ତିନିଜଣ ଅଭିଯୁକ୍ତ ମହେନ୍ଦ୍ର ମାଝୀ(୨୪),ଦୀପକ ମାଝୀ(୨୦) ଓ ମହେଶ୍ୱର ମାଝୀ (୨୦) ବୋଲି ଜଣାପଡ଼ିଛି। ସମସ୍ତ ଅଭିଯୁକ୍ତ ତାଲାକୋଟ ଗ୍ରାମର। ଏନେଇ ସିନାପାଲି ଅବକାରୀ ଥାନାରେ କେଶ ନମ୍ବର ୩୨୯/୨୪-୨୫ ଅନୁସାରେ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଅବକାରୀ ଥାନାଧିକାରୀ ସିଦ୍ଧାନ୍ତ ପାତ୍ର ସୂଚନା ଦେଇଛନ୍ତ।

## ଅଶୋକ ମିଶ୍ର ମେମୋରିଆଲ ଫୁଟବଲ
# ଫାଇନାଲରେ ପ୍ରଗତି କ୍ଲବ୍

ଝାରସୁଗୁଡା,(ସବ୍ୟୁ): ଝାରସୁଗୁଡା ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ୩ୟ ଅଶୋକ ମିଶ୍ର ମେମୋରିଆଲ ଫୁଟବଲ ପ୍ରତିଯୋଗିତା ସ୍ଥାନୀୟ ୨ୟ ଓଏସଏପି ଷ୍ଟାଡିୟମରେ ପ୍ରଥମ ସେମି ଫାଇନାଲ ମ୍ୟାଚ ପ୍ରଗତି କ୍ଲବ (କବରସ୍ଥାନପଡା ) ଓ ବାଲିଜରୀ ସ୍ପୋଟର୍ସ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେମିଫାଇନାଲ ଖେଳଟି ବେଶ ପ୍ରତିଦ୍ୱନ୍ଦିତାମୂଳକ ହୋଇଥିଲା। ନିର୍ଦ୍ଧରୀତ ସମୟ ମଧ୍ୟରେ କେହି କାହାକୁ ଗୋଲ ନ ଦେବାରୁ ଟ୍ରାଇବ୍ରେକର ପଦ୍ଧତିରେ ପ୍ରଗତି କ୍ଲବ ୩-୧ ଗୋଲରେ ବିଜୟୀ ହୋଇ ପ୍ରଥମ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଛି। ଖେଳକୁ ଗିରିଷ ପ୍ରଧାନ,ଶରତ କିଶାନ,ଲେଲିନ ପଟେଲ, ଅଗସ୍ତି ହାତିପତା ଓ ଶରତ କିଶାନ ପରିଚାଳନା କରିଥିଲେ।

# ବୌଦ୍ଧରେ ଜିଲ୍ଲାସ୍ତରୀୟ ସମବାୟ ଉତ୍ସବ ପାଳିତ



ବୌଦ୍ଧ,(ସବ୍ୟୁ): ବୌଦ୍ଧ ଆଦର୍ଶ କୃଷକ ବଜାର ଠାରେ ଆନ୍ତର୍ଜାତୀୟ ସମବାୟ ବର୍ଷ ଅବସରରେ ଜିଲ୍ଲାସ୍ତରୀୟ ସମବାୟ ଉତ୍ସବ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ । ସମବାୟ ସମିତି ସମୂହର ଉପ ନିବନ୍ଧକ ହାଡ଼ିବନ୍ଧୁ ମହାଖୁଡଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଉପ -ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଅରୁଣ କୁମାର ପ୍ରଧାନ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ଯୁଗଳ କିଶୋର ସାମଲ, ସହକାରୀ ନିର୍ଦ୍ଦେଶକ ବୟନ ଶିଳ୍ପ ବିନାୟକ ପୃଷ୍ଟି, ସଭାପତି, ବୌଦ୍ଧ ସମବାୟ ସଂଘ ପୟୋଧର ମହାକୁଡ଼, ସମ୍ପାଦକ, ବୌଦ୍ଧ ସମବାୟ ସଂଘ ସତ୍ୟଜିତ ପଣ୍ଡା, ଯୋଗ ଦେଇଥିଲେ । ପ୍ରାରମ୍ଭରେ ବୌଦ୍ଧ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ । କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାର ବିଭିନ୍ନ ପ୍ରାଥମିକ ସମବାୟ ସମିତିର କର୍ମକର୍ତ୍ତା ଓ ସଦସ୍ୟ ମାନେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ,ବ୍ୟକ୍ତିଗତ ହିତାଧିକାରୀ, ଯେ.ଏ ଲ. ଜି, ବଳରାମ ମାନଙ୍କୁ ଋଣ ଚେକ ମାଧମରେ ବଣ୍ଟନ କରାଯାଇଥିଲା । ମନୁପାଳି ଧରିତ୍ରୀ ପନିପରିବା ଉତ୍ପାଦନ ସମବାୟ ସମିତି ଲିଃ, ମନମୁଣ୍ଡା, ହରଭଙ୍ଗା ଓ ବୌଦ୍ଧ ପ୍ରାଥମିକ କୃଷି ସମବାୟ ସମିତି ଲିଃ ଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ତଥା ଉତ୍କୃଷ୍ଟ ସମବାୟ ସମିତି ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ନିରୀକ୍ଷକ ଅଚ୍ୟୁତାନନ୍ଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ମୁଁ କଳାହାଣ୍ଡିଆ ଫର୍ କଳାହାଣ୍ଡି ପକ୍ଷରୁ ସ୍ୱାଗତ




ଭବାନୀପାଟଣା,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୩୦ ତାରିଖ କଳାହାଣ୍ଡି ଗସ୍ତରେ ଆସୁଛନ୍ତି । ଏହି ପରିପ୍ରେକ୍ଷୀରେ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଭତ୍ତା ୩୦୦୦ଟଙ୍କା ଲାଗୁ କରିବା ଦାବି କରିଛି । କଳାହାଣ୍ଡି ଗସ୍ତକୁ ନେଇ ଭତ୍ତାଧିକାରୀମାନେ ଆଶାବାଦୀ ହୋଇ ଗରିବମାନଙ୍କ ପାଇଁ ଅନ୍ତୋଦୟ ଆବାସ ଯୋଜନା ଶୁଭାରମ୍ଭ କରିବା ସହ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଭତ୍ତା ୩୦୦୦ଟଙ୍କା ମୁଖ୍ୟମନ୍ତ୍ରୀ ଘୋଷଣା କରିବାନେଇ ଚାହିଁ ବସିଛନ୍ତି। ଫଳରେ ଭବାନିପାଟଣା ସହର ୧୦ନଂ ୱାର୍ଡ ସ୍ଥିତ ଗଉଡ ପଡା ଏବଂ ଡୁଙ୍ଗୁରିପଡାର ଭତ୍ତାଧିକାରୀଙ୍କୁ ନେଇ ମୁଁ କଳାହାଣ୍ଡିଆ ଫର୍ କଳାହାଣ୍ଡି ସଂଗଠନ ତରଫରୁ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ସଂଗଠକ ଇଂ ଲକ୍ଷ୍ମୀନାରାୟଣ ପଣ୍ଡା ଯୋଗଦାନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ ଥର କଳାହାଣ୍ଡି ମାଟିକୁ ସ୍ୱାଗତ କରୁଛୁ ଏବଂ ଗରିବମାନଙ୍କ ପାଇଁ ଯେଉଁ ଅନ୍ତୋଦୟ ଆବାସ ଯୋଜନା ଶୁଭାରମ୍ଭ କରୁଛନ୍ତି ତା ସହ ସେହି ଗରିବମାନଙ୍କ ପାଇଁ ଦେଇଥିବା ପ୍ରତିଶୃତି ଭତ୍ତା ୩୦୦୦ଟଙ୍କା। କଳାହାଣ୍ଡି ମାଟିରେ ଘୋଷଣା କରନ୍ତୁ ବୋଲି ବୈଠକରେ ଦାବି ଉପସ୍ଥାପନା କରିଛନ୍ତି। ଏହି ବୈଠକରେ ବରିଷ୍ଠ ସଦସ୍ୟ ନିରୋଦ କୁମାର ରାଉତ, ଏଡଭୋକେଟ୍ କ୍ଷିରୋଦ ନାଗ ଏବଂ ମଧୁଲାଲ ନାଏକ ନିଜ ନିଜ ମନ୍ତବ୍ୟ ରଖି ଯଦି ସରକାର ଶୀଘ୍ର ଘୋଷଣା ନ କରନ୍ତି ତାହେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି । ସୌମ୍ୟରଂଜନ କର, କୁଷ୍ଣ ରାଉତ, ସୌଭାଗ୍ୟ ପୋଢ ଓ ରୁକ୍ମୁଣୀ ଶବର ପ୍ରମୁଖ ସହଯୋଗ କରିଥିଲେ।

## ଡଙ୍ଗରପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଡଙ୍ଗରପଡ଼ା ପଞ୍ଚାୟତ ମୁଖ୍ୟାଳୟ ସ୍ଥିତ ଡଙ୍ଗରପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍କୁଲ ପରିଚାଳନା କମିଟି ସଭାପତି ଶଙ୍କର ତାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମୁରିବାହାଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଭୋଇ,ସମ୍ମାନିତ ଅତିଥି ଡ଼ଙ୍ଗରପଡ଼ା ସରପଞ୍ଚ ରାମଦାସ ମହାକୁର,ସାମାଜିକ କର୍ମୀ କପିଳାସ ଭୋଇ,ମୁଖ୍ୟବକ୍ତା ସିଆରସିସି ପ୍ରମୋଦ କୁମାର କର୍ମୀ ଯୋଗଦେଇଥିଲେ ।ପ୍ରଧାନଶିକ୍ଷକ ଲଳିତ ମୋହନ ଭୋଇ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷା ହିଁ ସମାଜର ମେରୁଦଣ୍ଡ, ସମାଜ ଗଠନରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ବିନା ମଣିଷ ଜୀବନ ପୂର୍ଣ୍ଣାଙ୍ଗ ହୋଇପାରେ ନାହିଁ ବୋଲି ଅତିଥି ଗଣ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଗ୍ରାମର ଦିଗସନ ଭୋଇ,ବ୍ରାହ୍ମଣ ତାଣ୍ଡି,ଦେବରାଜ ଲୁହା, ୱାର୍ଡ ସଭ୍ୟ ଦାନ ଯାନୀ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ଶିକ୍ଷକ ଶୁଭକାନ୍ତ ସାହୁ,ବେଣୁଧର ମେହେର,ଶିକ୍ଷୟିତ୍ରୀ ଭାରତୀ ସିଂ ବରିହା, ରାଜଶ୍ରୀ ମହାନ୍ତି,ରାଜସ୍ମିତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# କୋନାବିରା ସରପଞ୍ଚ ନିଲମ୍ବିତ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ କୋନାବିରା ଗ୍ରାମପଞ୍ଚାୟତର ସରପଞ୍ଚ ମିଥିଳା ନାଏକଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଥିବା ଜଣାପଡିଛି। ଉକ୍ତ ସରପଞ୍ଚ ବ୍ୟାଙ୍କର ଚେକରେ ନିର୍ବାହୀ ଅଧିକାରୀଙ୍କ ଜାଲ ଦସ୍ତଖତ କରି ବାର୍ଦ୍ଧକ୍ୟ ଭତ୍ତା ଆକାଉଣ୍ଟରୁ ଟ ୧,୩୦,୦୦୦/-ଉଠାଣ କରି ଅର୍ଥ ଆତ୍ମସାତ କରିଥିବା ନେଇ ସମ୍ପୃକ୍ତ ନିର୍ବାହୀ ଅଧିକାରୀଙ୍କ ଠାରୁ ଅଭିଯୋଗ ପାଇବା ପରେ ବିଡ଼ିଓ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ଅଭିଯୋଗର ସତ୍ୟତା ଥିବା ଲକ୍ଷ୍ୟ କରି ନୂଆପଡା ଜିଲ୍ଲାପାଳଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଅବଗତ କରିଥିଲେ। ଉକ୍ତ ତଦନ୍ତ ରିପୋର୍ଟ ଆଧାରରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ସରପଞ୍ଚଙ୍କୁ ନିଲମ୍ବନ ପାଇଁ ସୁପାରିଶ କରିଥିଲେ।ଉକ୍ତ ସୁପାରିଶ ଭିତ୍ତିରେ ରାଜ୍ୟ ସରକାରଙ୍କ ପଂଚାୟତରାଜ ବିଭାଗ ନିର୍ଦ୍ଦେଶକ କୋନାବିରା ସରପଞ୍ଚଙ୍କୁ ନିଲମ୍ବନ କରିଥିବା ଜଣା ପଡିଛି। ତେବେ ଜିଲ୍ଲାପାଳଙ୍କ ସୁପାରିଶ ସତ୍ତ୍ୱେ କୁଲିଆବନ୍ଧା ଓ ଲଖନା ସରପଞ୍ଚଙ୍କ ବିରୁଦ୍ଧରେ ରାଜ୍ୟ ସରକାର କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ସେ ନେଇ ସମ୍ପୃକ୍ତ ପଂଚାୟତବାସୀ ଅପେକ୍ଷାକରିଥିବା ଦେଖାଯାଇଛି।

# ବଲାଙ୍ଗିରରେ ବାଲି ସଙ୍କଟ : ଅଧିକାରୀ-ମାଫିଆ ମଧୁଚନ୍ଦ୍ରିକା

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସହରରେ ବାଲି ଦରକାରୀ ଗୃହ ନିର୍ମାଣ କାର୍ଯ୍ୟ ଓ ସାଧାରଣ ଲୋକମାନଙ୍କ ପାଇଁ ବଡ଼ ସମସ୍ୟାର ରୂପ ନେଇଛି ବାଲି ଅଭାବ। ଏହି କୃତ୍ରିମ ଅଭାବ ବ୍ୟବସ୍ଥାରୁ ବେଶ ଫାଇଦା ନେଉଛନ୍ତି ରାଜସ୍ୱ ବିଭାଗ ଅଧିକାରୀ , କର୍ମଚାରୀ ଓ ବାଲି ମାଫିଆ । ସହରାଞ୍ଚଳରେ ବାଲିର କଳାବଜାରୀ ବଢ଼ିଛି ଓ ବାଲି ଦାମ ଆକାଶଛୁଆ ହୋଇଯାଉଛି। ଏନେଇ ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂହଦେଓ ଓଡ଼ିଶା ସରକାରର ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀଙ୍କୁ ଲିଖିତ ଚିଠି ମାଧ୍ୟମରେ ଏହି ଅସଂଗତି ବାବଦରେ ଗୁରୁତର ଆପତ୍ତି ଉଠାଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ବଲାଙ୍ଗିର ଖଣି ଅଧିକାରୀ ଛୋଟ ଟ୍ରାକ୍ଟର ଚାଳକମାନେ ଯେଉଁମାନେ ବ୍ୟକ୍ତିଗତ ନିର୍ମାଣ ପାଇଁ ବାଲି ଆଣୁଛନ୍ତି, ସେମାନଙ୍କୁ ଅଧିକ ଅର୍ଥଦଣ୍ଡ ଦେଇ ହଇରାନ କରାଯାଉଛି। ଅଭିଯୋଗ ଅଛି ଯେ ସେମାନେ ନକଲି କିମ୍ବା ଅବୈଧ ଦଲିଲରେ ବାଲି ଆଣୁଛନ୍ତି, କିନ୍ତୁ ଏହି ଦଲିଲ ଯାହା ମାଧ୍ୟମରେ ଜାରି ହେଉଛି, ଖଣି ଠିକାଦାରମାନେ କୌଣସି ଜବାବ ଦେଇପାରୁନାହାଁନ୍ତି । ବିଧାୟକ ମଧ୍ୟ ଲେଖିଛନ୍ତି ଯେ ବହୁବାର ସମୀକ୍ଷା ବୈଠକରେ ଏହି ଅନିୟମ ଉଠାଯାଇଥିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାସହିତ ଅଭିଯୋଗ ହେଉଛି ଯେ ଖଣି ଅଧିକାରୀ ଓ ବାଲି ମାଫିଆଙ୍କ ମଧ୍ୟରେ ମିଳିଭଗତ ରହିଛି।ଏହାର ପରିଣାମରେ, ଛୋଟ ବ୍ୟବସାୟୀମାନେ ଓ ଗ୍ରାମୀଣ ଉପଭୋକ୍ତାମାନେ ଦମନର ସମ୍ମୁଖୀନ ହେଉଛନ୍ତି। ବାଲି ଦାମ ବେପରୁଆ ଭାବେ ବୃଦ୍ଧି ପାଇଛି। ଗୃହ ନିର୍ମାଣ କାର୍ଯ୍ୟରେ ପ୍ରଚଣ୍ଡ ବାଧା ଘଟିଛି, ବିଶେଷକରି ଛୋଟ ମାତ୍ରାରେ ନିର୍ମାଣ କରୁଥିବା ଲୋକମାନଙ୍କ କ୍ଷେତ୍ରରେ ପ୍ରଭାବ ପଡୁଛି ।

ଏନେଇ ବିଧାୟକ ଶ୍ରୀ ସିଂହଦେଓ ବଲାଙ୍ଗିର ଖଣି ଅଧିକାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଦାବି କରିଛନ୍ତି । ଏହା ସହିତ ଅବୈଧ ଦଲିଲ ଦେଉଥିବା ବାଲି ଖଣି ଠିକେଦାରମାନଙ୍କୁ ଦଣ୍ଡ ବିଧାନ କରାଯାଉ । ସହରକୁ ବାଲି ଯୋଗାଇଥିବା ଖଣି ଗୁଡ଼ିକର ଷ୍ଟକ ଓ ବିକ୍ରୟ ତଥ୍ୟର ତଦନ୍ତ ହେଉ ।

## ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଯୋଜନା ଲୋକାର୍ପଣ ନେଇ ପ୍ରସ୍ତୁତି ବୈଠକ

ଭବାନୀପାଟଣା,(ସବ୍ୟୁ): ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ନିକଟରେ ଲୋକାର୍ପିତ ହେବାକୁ ଯାଉଥିବା ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ସାଧାରଣ ଜନତାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଅନୁଷ୍ଠିତ ହେବାକୁ ଯାଉଥିବା ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା - ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବାୟୋ ବନ୍ଦନା ଯୋଜନା ବାବଦକୁ ଜିଲ୍ଲାସ୍ତରୀୟ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ଯୋଜନା ଟି ୨୦୨୫ ଏପ୍ରିଲ ମାସର ପ୍ରଥମ ସପ୍ତାହରେ ଶୁଭାରମ୍ଭ ହେବାକୁ ଯାଉଛି । ଏହା କଳାହାଣ୍ଡି ଜିଲ୍ଲାର ସମସ୍ତ ୪୬ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ସାମୟିକ ଭାବେ ଅନୁଷ୍ଠିତ ହେବ ।

**AFFIDAVIT**

I, GIRIDHARI HINDUJA, S/O-BASARMAL HINDUJA, RESIDENT OF NAYAPADA, GOLEBAZAR, P/S- TOWN, TAH/DIST-SAMBALPUR, ODISHA, DECLARE BY THIS AFFIDAVIT NO-909 DATED : 25/03/2025, THAT NOW ONWARDS I SHALL BE KNOWN AS GIRDHARI LAL HINDUJA FOR ALL PURPOSES.

GIRDHARI LAL HINDUJA

